

ବିଧାୟକ ସୁଧୀର କୁମାର ସାମଲଙ୍କ ସହ ବିଜୟୀ ବିଜେଡି ନଗରପାଳ ଓ କାଉନ୍ସିଲର ପ୍ରାର୍ଥୀ।

| ୱାର୍ଡ | ବିଜୟୀ ପ୍ରାର୍ଥୀ | ଦଳ | ଭୋଟ | ନିକଟତମ ପ୍ରତିଦ୍ୱନ୍ଦ୍ୱୀ | ଦଳ | ଭୋଟ |
|---|---|---|---|---|---|---|
| ୧. | ସୌମିତ୍ର ରଞ୍ଜନ ବେହେରା | ବିଜେଡି | ୨୭୫ | ଅବନୀ ବେହେରା | ଭାଜପା | ୨୫୧ |
| ୨. | ସୁଶାନ୍ତ କୁମାର ନାୟକ | ବିଜେଡି | ୩୫୬ | ନାରାୟଣ ବେହେରା | ଭାଜପା | ୨୬୧ |
| ୩. | ବନିତା ଦାସ | ବିଜେଡି | ୩୬୮ | ପଲ୍ଲିପ୍ରିୟା ପତି | ଭାଜପା | ୩୫୨ |
| ୪. | ରୀତାରାଣୀ ବେହେରା | ବିଜେଡି | ୨୯୧ | ଜ୍ୟୋତି ବେହେରା | ଭାଜପା | ୨୮୨ |
| ୫. | ଦୀପକ ରଞ୍ଜନ ବିଶ୍ୱାଳ | ଭାଜପା | ୨୮୪ | ଦୁର୍ଗାପ୍ରସାଦ ସର | ବିଜେଡି | ୨୧୩ |
| ୬. | ତୃପ୍ତିମୟୀ ବେହେରା | ଭାଜପା | ୫୧୬ | ସସ୍ମିତା ବେହେରା | ବିଜେଡି | ୩୫୯ |
| ୭. | ବିଷ୍ଣୁପ୍ରିୟା ନାଏକ | ବିଜେଡି | ୨୧୪ | ପାଞ୍ଚାଳି ନାଏକ | ଭାଜପା | ୧୬୭ |
| ୮. | ରୁଦ୍ରନାରାୟଣ ପ୍ରସାଦ ଦାସ | ବିଜେଡି | ୨୯୯ | ଶ୍ରୀକାନ୍ତ ବାରିକ | ସ୍ୱାଧୀନ | ୨୪୭ |
| ୯. | କାର୍ତ୍ତିକ ପ୍ରଧାନ | ଭାଜପା | ୨୩୫ | ପ୍ରତାପ ପ୍ରଧାନ | ବିଜେଡି | ୫୦ |
| ୧୦. | ପ୍ରତିମା ରାଉତ | ବିଜେଡି | ୨୯୮ | ସୁଜିତ ବେହେରା | ଭାଜପା | ୧୭୩ |
| ୧୧. | ଶୁଭଲକ୍ଷ୍ମୀ ଦେହୁରୀ | ବିଜେଡି | ୧୪୯ | ପ୍ରମିଳା ନାହାକ | ଭାଜପା | ୧୪୫ |
| ୧୨. | ଶରତ କୁମାର ଭୂତିଆ | ଭାଜପା | ୩୩୮ | ସୁଜିତ ବେହେରା | ବିଜେଡି | ୩୦୯ |
| ୧୩. | ପ୍ରତିମା ନାଏକ | ଭାଜପା | ୨୭୬ | ମୀନାକ୍ଷୀ ବେହେରା | ବିଜେଡି | ୨୪୨ |
| ୧୪. | ସୁମତୀ ଦେହୁରୀ | ବିଜେଡି | ୨୬୬ | ରଶ୍ମିତା ପଲେଇ | ଭାଜପା | ୨୩୩ |
| ୧୫. | ଅନୁପମା ସାହୁ | ବିଜେଡି | ୨୫୩ | ଉର୍ମିଳା ସାହୁ | ଭାଜପା | ୨୪୩ |
| ୧୬. | ବିଜୟ ପ୍ରଧାନ | ବିଜେଡି | ୬୪ | ପ୍ରଦୀପ ସାମନ୍ତ | ଭାଜପା | ୫୬ |

# ହିନ୍ଦୋଳରେ ପୁଣି ବିଜେଡି

**ଢେଙ୍କାନାଳ ଅଫିସ, ୫।୪**

- ନଗରପାଳ ପଦବୀରେ କେଶବ ଚନ୍ଦ୍ର ବିଜୟୀ
- ୧୧ଟି ୱାର୍ଡରେ ଶାସକ ଦଳର ବାଜିମାତ୍
- ୫ଟି ୱାର୍ଡରେ ଭାଜପା ପ୍ରାର୍ଥୀ ବିଜୟୀ

ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍ଏସିକୁ ଲଗାତର ଦ୍ୱିତୀୟ ଥର ପାଇଁ ହାତେଇଛି ଶାସକ ବିଜେଡି। ନଗରପାଳ ପଦବୀ ପାଇଁ ତୀବ୍ର ମୁକାବିଲା ହୋଇଥିବା ବେଳେ ବିଜେଡି ପ୍ରାର୍ଥୀ କେଶବ ଚନ୍ଦ୍ର ପ୍ରଧାନ ବାଜିମାତ୍ କରିଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସୌଭାଗିନୀ ପ୍ରଧାନଙ୍କୁ ୪୨୪ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। କେଶବଙ୍କୁ ୪,୩୪୭ ଭୋଟ ମିଳିଥିବା ବେଳେ ସୌଭାଗିନୀଙ୍କୁ ୩,୯୨୩ ଖଣ୍ଡ ଭୋଟ ମିଳିଛି। ସେହିପରି କଂଗ୍ରେସ ପ୍ରାର୍ଥିନୀ ରୀତା ପଲେଇ ମାତ୍ର ୨୧୯ଟି ଭୋଟ ପାଇଥିବାବେଳେ ନୋଟାରେ ପଡ଼ିଥିଲା ୧୫୧। ସେହିପରି ଏନ୍ଏସିର ମୋଟ ୧୬ ୱାର୍ଡ ମଧ୍ୟରୁ ୧୧ଟିରେ ବିଜୟ ଲାଭ କରିଛନ୍ତି ବିଜେଡି କାଉନ୍ସିଲର ପ୍ରାର୍ଥୀ। ଅବଶିଷ୍ଟ ୫ ୱାର୍ଡ ଭାଜପା ଭାଗରେ ପଡ଼ିଥିବାବେଳେ କଂଗ୍ରେସ ଖାତା ଖୋଲିପାରିନାହିଁ। ୧୬ଟି ୱାର୍ଡ ମଧ୍ୟରୁ ୧ନଂ., ୨ନଂ., ୩ନଂ., ୪ନଂ., ୭ନଂ., ୮ନଂ., ୧୦ନଂ., ୧୧ନଂ., ୧୪ନଂ., ୧୫ନଂ. ଓ ୧୬ନଂ. ୱାର୍ଡରେ ବିଜେଡି କାଉନସିଲର ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସେହିପରି ୫ନଂ., ୬ନଂ., ୯ନଂ., ୧୨ନଂ., ୧୩ନଂ. ୱାର୍ଡରେ ଭାଜପା ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ମୋଟ ୯ଜଣ ମହିଳା କାଉନ୍ସିଲର ଭାବେ ବିଜୟୀ ହୋଇଛନ୍ତି। ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ ସମସ୍ତ ବିଜୟୀ ପ୍ରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।



ବିଜୟୀ କେଶବ ଚନ୍ଦ୍ର ପ୍ରଧାନଙ୍କୁ ନିର୍ବାଚନ ଅଧିକାରୀ ସାର୍ଟିଫିକେଟ୍ ପ୍ରଦାନ କରୁଛନ୍ତି।

ନଗରପାଳ ପଦବୀ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ରହିଥିବାବେଳେ ବିଜେଡି, ଭାଜପା ଏବଂ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ନଗରପାଳ ପଦବୀ ସମେତ ଅଧିକାଂଶ ୱାର୍ଡରେ ବିଜେଡି-ଭାଜପା ମଧ୍ୟରେ ତୁମୁଳ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସୋମବାର ମତଦାନ ହୋଇଥିବାବେଳେ ବୁଧବାର ପୂର୍ବାହ୍ନ ୮ଟାରୁ ଏନ୍ଏସି କାର୍ଯ୍ୟାଳୟରେ ଗଣତି ଆରମ୍ଭ ହୋଇଥିଲା। ପୂର୍ବାହ୍ନ ୧୧ଟା ସୁଦ୍ଧା ଫଳାଫଳ ଘୋଷଣା କରାଯାଇଥିଲା।

ସୂଚନାଯୋଗ୍ୟ, ୨୦୧୭ ଏନ୍ଏସି ନିର୍ବାଚନରେ ବିଜେଡି ୧୪ ୱାର୍ଡରେ ବିଜୟୀ ହୋଇଥିବା ବେଳେ ଭାଜପା ଏବଂ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଲେଖାଏ ଆସନ ହାତେଇବାରେ ସକ୍ଷମ ହୋଇଥିଲେ। ଗତ ନିର୍ବାଚନକୁ ଦେଖିଲେ ବିଜେଡି ୩ ଆସନ ହରାଇଥିବାବେଳେ ଭାଜପା ଭାଗରେ ଅଧିକ ୪ ଆସନ ପଡ଼ିଛି। ଅନ୍ୟପଟେ ୮ନଂ. ୱାର୍ଡରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିଲେ ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ତାଙ୍କୁ କଡ଼ା ଟକ୍କର ଦେଇଥିଲେ।

ନିର୍ବାଚନରେ ବିଜେଡି ମଙ୍ଗ ଧରିଥିବା ଢେଙ୍କାନାଳ ବିଧାୟକ ତଥା ପର୍ଯ୍ୟବେକ୍ଷକ ସୁଧୀର ସାମଲ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ବିଜୟୀ ନଗରପାଳ ଏବଂ କାଉନ୍ସିଲର ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଧାୟକ ବିଜୟୀ ପ୍ରାର୍ଥୀଙ୍କୁ ମିଷ୍ଟାନ୍ନ ଖୁଆଇ ଖୁସି ମନାଇଥିଲେ। ଏହାପରେ ବିଜୟ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଫଳାଫଳକୁ ନେଇ ନିଜ ପ୍ରତିକ୍ରିୟାରେ ବିଧାୟକ କୁହନ୍ତି, ହିନ୍ଦୋଳବାସୀ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରାକୁ ନେଇ ତାଙ୍କ ପ୍ରତି ଆସ୍ଥା ପ୍ରକଟ କରିଛନ୍ତି। ଏହି ବିଜୟ ହିନ୍ଦୋଳବାସୀଙ୍କର। ଏହି ଅବସରରେ ସେ ହିନ୍ଦୋଳବାସୀଙ୍କୁ କୃତଜ୍ଞତା ଜଣାଇଥିଲେ। ବିଧାୟିକା ନାୟକ କହିଲେ, ନିର୍ବାଚନରେ ମୁକାବିଲା ହୋଇଥିଲେ ମଧ୍ୟ ଜନସାଧାରଣଙ୍କ ସମର୍ଥନ ଆମ ପ୍ରତି ରହିଥିଲା। ବିଜୟୀ ନଗରପାଳ ପ୍ରାର୍ଥୀ କେଶବ ଚନ୍ଦ୍ର ପ୍ରଧାନ କହିଲେ, ବିଜୟୀ ହୋଇଥିବାରୁ ଖୁସି ଲାଗୁଛି। ଏହାର ଶ୍ରେୟ ହିନ୍ଦୋଳବାସୀଙ୍କର। ମୁଖ୍ୟମନ୍ତ୍ରୀ ଟିକେଟ ଦେଇଥିବାରୁ ତାଙ୍କ ନିକଟରେ କୃତଜ୍ଞ। ହିନ୍ଦୋଳ ଅଞ୍ଚଳରେ ବିକାଶ ଧାରା ଜାରି ରହିବ ବୋଲି ସେ କହିଛନ୍ତି।

# ଭାଜପା-ବିଜେଡି କଡ଼ା ଟକ୍କର

ହିନ୍ଦୋଳ ଏନ୍ଏସି ନିର୍ବାଚନ ଫଳାଫଳ ବାହାରିଛି। ଶାସକ ବିଜେଡି ନଗରପାଳ ସମେତ ୧୧ ୱାର୍ଡରେ ବିଜୟୀ ହୋଇ ଏନ୍ଏସି ହାତେଇଛି। ଅନ୍ୟପଟେ ୫, ୬, ୯, ୧୨, ୧୩ ୱାର୍ଡରେ ବାଜିମାତ୍ କରିଛି ପ୍ରମୁଖ ବିରୋଧୀ ଭାଜପା। ତେବେ ଅଧିକାଂଶ ୱାର୍ଡରେ ଭାଜପା ପ୍ରାର୍ଥୀ ଶାସକ ବିଜେଡିକୁ କଡ଼ା ଟକ୍କର ଦେଇଥିବା ଫଳାଫଳରୁ ସ୍ପଷ୍ଟ ହୋଇଛି।

ବିଜେଡି ବିଜୟୀ ହୋଇଥିବା ୧ନଂ. ୱାର୍ଡରେ ବିଜୟ-ପରାଜୟ ବ୍ୟବଧାନ ରହିଛି ମାତ୍ର ୨୪। ସେହିପରି ୨ ନଂ. ୱାର୍ଡରେ ୯୫, ୩ନଂ. ୱାର୍ଡରେ ୧୬, ୪ନଂ. ୱାର୍ଡରେ ୯, ୭ନଂ. ୱାର୍ଡରେ ୪୭, ୧୦ନଂ. ୱାର୍ଡରେ ୨୫, ୧୧ନଂ. ୱାର୍ଡରେ ୪, ୧୪ନଂ. ୱାର୍ଡରେ ୩୩, ୧୫ନଂ. ୱାର୍ଡରେ ୧୦ ଏବଂ ୧୬ନଂ. ୱାର୍ଡରେ ୮ ଖଣ୍ଡ ଭୋଟରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ୮ନଂ. ୱାର୍ଡରେ ବିଜେଡି ପ୍ରାର୍ଥୀଙ୍କୁ କଡ଼ା ଟକ୍କର ଦେଇଛନ୍ତି ସ୍ୱାଧୀନ ପ୍ରାର୍ଥୀ। ବିଜେଡିକୁ ୨୯୯ ଖଣ୍ଡ ଭୋଟ ମିଳିଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ୨୪୭ ଖଣ୍ଡ ଭୋଟ ପାଇଛନ୍ତି। ୫୨ ଖଣ୍ଡ ଭୋଟରେ

**୮ନଂ. ୱାର୍ଡରେ ଦ୍ୱିତୀୟ ସ୍ଥାନରେ ସ୍ୱାଧୀନ ପ୍ରାର୍ଥୀ**

ବିଜେଡି ପ୍ରାର୍ଥୀ ଜିତିଥିବାବେଳେ ଭାଜପା ପ୍ରାର୍ଥୀ ୭୮ ଖଣ୍ଡ ଭୋଟ ପାଇ ୩ୟ ସ୍ଥାନରେ ରହିଛନ୍ତି।

ସେହିପରି ଭାଜପା ଜିତିଥିବା ୫, ୬, ୯, ୧୨, ୧୩ନଂ. ୱାର୍ଡ ମଧ୍ୟରୁ ୬ ଏବଂ ୯ନଂ. ୱାର୍ଡକୁ ବାଦ୍‌ଦେଲେ ଅଧିକାଂଶ ସ୍ଥାନରେ କଡ଼ା ମୁକାବିଲା ହୋଇଛି। ୫ନଂ ୱାର୍ଡରେ ଦଳୀୟ ପ୍ରାର୍ଥୀ ୭୧ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ସେହିପରି ୬ନଂ.ରେ ୧୫୭, ୯ନଂ.ରେ ୧୮୫, ୧୨ନଂ.ରେ ୨୯ ଏବଂ ୧୩ ନଂ.ରେ ୩୪ ଖଣ୍ଡ ଭୋଟରେ ଭାଜପା ପ୍ରାର୍ଥୀ ଜିତିଛନ୍ତି। ଗତ ନିର୍ବାଚନରେ ମାତ୍ର ଗୋଟିଏ ଆସନ ହାତେଇଥିବା ଭାଜପା ୫ ୱାର୍ଡ କରାୟତ୍ତ କରିବା ଏବଂ ଭୋଟହାର ଆଶାତୀତ ବଢ଼ିବା ସାଧାରଣ ନିର୍ବାଚନ ପୂର୍ବରୁ ଶୁଭସଙ୍କେତ ବୋଲି ଦଳୀୟ ନେତୃବୃନ୍ଦ କହିଛନ୍ତି।

# କଂଗ୍ରେସର ଖରାପ ପ୍ରଦର୍ଶନ ଜାରି

ଢେଙ୍କାନାଳ ଜିଲାରେ କଂଗ୍ରେସର ପ୍ରଦର୍ଶନ ଦିନକୁ ଦିନ ଖରାପ ହେବାରେ ଲାଗିଛି। ସାଧାରଣ ନିର୍ବାଚନ ହେଉ କି ଗତବର୍ଷ ହୋଇଥିବା ପୌର ନିର୍ବାଚନ ସବୁଥିରେ ଦଳକୁ ନିରାଶ ହେବାକୁ ପଡ଼ିଛି। ହିନ୍ଦୋଳ ଏନ୍ଏସି ନିର୍ବାଚନରେ ମଧ୍ୟ ଏହାର ପୁନରାବୃତ୍ତି ହୋଇଛି। ନିର୍ବାଚନ ଲଢୁଥିବା ସମସ୍ତ ପ୍ରାର୍ଥୀ ଅମାନତ ହରାଇଥିବାବେଳେ କେହିଜଣେ ତିନିଅଙ୍କ ଛୁଇଁ ନ ପାରିବା ଚର୍ଚ୍ଚାର ବିଷୟ ହୋଇଛି।

ହିନ୍ଦୋଳ ଏନ୍ଏସି ନିର୍ବାଚନରେ ସମସ୍ତ ୧୬ ୱାର୍ଡରେ ପ୍ରାର୍ଥୀ ଦେଇପାରି ନ ଥିଲା କଂଗ୍ରେସ। ୧ ଏବଂ ୮ନଂ. ୱାର୍ଡରେ ଦଳ ପକ୍ଷରୁ କେହି ପ୍ରତିଦ୍ୱନ୍ଦ୍ୱିତା କରୁ ନ ଥିବାରୁ ଏହା ପ୍ରାର୍ଥୀଶୂନ୍ୟ ରହିଥିଲା। ଅବଶିଷ୍ଟ ୧୪ ୱାର୍ଡରେ କଂଗ୍ରେସ କାଉନ୍ସିଲର ପ୍ରାର୍ଥୀ ଲଜ୍ଜାଜନକ ଭାବେ ପରାଜିତ ହୋଇଛନ୍ତି। ୯ଟି ୱାର୍ଡରେ ଦଳୀୟ ପ୍ରାର୍ଥୀ ଦୁଇ ଅଙ୍କ ବିଶିଷ୍ଟ ଭୋଟ ପାଇଥିବାବେଳେ ଅବଶିଷ୍ଟ ୫ଟି ୱାର୍ଡରେ ଗୋଟିଏ ଅଙ୍କରେ ସୀମିତ ରହିଛନ୍ତି। ୨ନଂ. ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ ଗୋଚ୍ଛାୟତଙ୍କୁ ମାତ୍ର ୧୨ଖଣ୍ଡ ଭୋଟ ମିଳିଛି। ସେହିପରି ୩ନଂ. ୱାର୍ଡରୁ ନିର୍ବାଚନ ଲଢୁଥିବା ସୁମିତ୍ରା ନାଏକ ୨୧, ୪ନଂ.ରେ ଝିଲ୍ଲି ବେହେରାଙ୍କୁ ୩୬, ୫ନଂ.ରେ ଲକ୍ଷ୍ମୀଧର ବେହେରାଙ୍କୁ ୧୭, ୬ନଂ.ରେ ଲିପିନା ବେହେରାଙ୍କୁ ୩୦, ୭ନଂ.ରେ ରିଙ୍କି ରାଉତଙ୍କୁ ୧୦, ୯ନଂ.ରେ ପବିତ୍ର ଦେହୁରୀଙ୍କୁ ୮, ୧୦ନଂ.ରେ ପ୍ରଫୁଲ୍ଲ ବେହେରାଙ୍କୁ ୮, ୧୧ନଂ.ରେ ମମତା ନାହାକଙ୍କୁ ୫, ୧୨ନଂ.ରେ ବିଭୂତି ଭୂଷଣ ଦାସଙ୍କୁ ୨୬, ୧୩ନଂ.ରେ ପ୍ରଭାସିନୀ ନାଏକଙ୍କୁ ୧୬, ୧୪ନଂ.ରେ ମମତା ପ୍ରଧାନଙ୍କୁ ୧୦, ୧୫ନଂ.ରେ ରତ୍ନପ୍ରଭା ସାହୁଙ୍କୁ ୯ ଏବଂ ୧୬ନଂ. ୱାର୍ଡରେ ନିର୍ମଳ ପ୍ରଧାନଙ୍କୁ ୭ ଖଣ୍ଡ ଭୋଟ ମିଳିଛି। ପଛୁଆ ପ୍ରଚାର ଏବଂ ରାଜ୍ୟ ନେତୃବୃନ୍ଦଙ୍କ ଅଣଦେଖା ଯୋଗୁ ହିନ୍ଦୋଳ ନିର୍ବାଚନରେ ଦଳର ଏଭଳି ଅବସ୍ଥା ହୋଇଥିବା ଆଲୋଚନା ହେଉଛି।

# ଧର୍ମେନ୍ଦ୍ରଙ୍କୁ ସୀମାରାଣୀଙ୍କ ଚାଲେଞ୍ଜ

**ଢେଙ୍କାନାଳରୁ ନିର୍ବାଚନ ଲଢ଼ିବାକୁ ଆହ୍ୱାନ**

**ଢେଙ୍କାନାଳ ଅଫିସ, ୫।୪**


Simarani Nayak
18 mins
ଧର୍ମେନ୍ଦ୍ର ଭାଇ, ହିନ୍ଦୋଳରେ ଆପଣ କଳ, ବଳ, କୌଶଳ ସବୁ ଲଗାଇଲେ । ଏତେ ଟଙ୍କା ଖର୍ଚ୍ଚ କଲେ। ହେଲେ ଫଳ କଣ ହେଲା, ସାରା ଓଡ଼ିଶା ଦେଖିଲା। ନିର୍ବାଚନ ବେଳେ ଆପଣ ଯେତେ ଆଇଟି କି ଇଡି ରେଡ୍ କରନ୍ତୁ, କିଛି କାମ ଦେବ ନାହିଁ। ଜନମତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହିତ ରହିଛି, ଆଗକୁ ମଧ୍ୟ ରହିବ। ତେଣୁ ସାହସ ଅଛି ତ ଆପଣ ସମ୍ବଲପୁର ନ ଯାଇ ଢେଙ୍କାନାଳ ଆସନରୁ ଲଢ଼ନ୍ତୁ । ଏଠି ଯେତେ ଅର୍ଥ ଖର୍ଚ୍ଚ କଲେ ବି ଆପଣ ଜିତିପାରିବେ ନାହିଁ।
#DharmendraPradhan

ହିନ୍ଦୋଳ ଏନ୍ଏସି ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ରାଜନୈତିକ ବାତାବରଣରେ ଉଷ୍ମତା ପରିଲକ୍ଷିତ ହୋଇଛି। ନିର୍ବାଚନରେ ପ୍ରଚାର ଆଗଧାଡ଼ିରେ ଥିବା ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ନିଜର ଫେସ୍‌ବୁକ୍ ଆକାଉଣ୍ଟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟାର୍ଗେଟ୍ କରିବା ସହ ଢେଙ୍କାନାଳରୁ ନିର୍ବାଚନ ଲଢ଼ିବା ପାଇଁ ଚାଲେଞ୍ଜ ଦେଇଛନ୍ତି, ଯାହା ଏବେ ଚର୍ଚ୍ଚାର ବିଷୟ ହୋଇଛି।

ନିଜ ପୋଷ୍ଟରେ ବିଧାୟିକା ଉଲ୍ଲେଖ କରିଛନ୍ତି, ଧର୍ମେନ୍ଦ୍ର ଭାଇ, ହିନ୍ଦୋଳରେ ଆପଣ କଳ, ବଳ, କୌଶଳ ସବୁ ଲଗାଇଲେ। ଏତେ ଟଙ୍କା ଖର୍ଚ୍ଚ କଲେ। ହେଲେ ଫଳ କ'ଣ ହେଲା ସାରା ଓଡ଼ିଶା ଦେଖିଲା। ନିର୍ବାଚନ ବେଳେ ଆପଣ ଯେତେ ଆଇଟି କି ଇଡି ରେଡ୍ କରନ୍ତୁ କିଛି କାମ ଦେବନାହିଁ। ଜନମତ ମୁଖ୍ୟମନ୍ତ୍ରୀଙ୍କ ସହ ରହିଛି, ଆଗକୁ ମଧ୍ୟ ରହିବ। ତେଣୁ ସାହସ ଅଛି ତ ଆପଣ ସମ୍ବଲପୁର ନ ଯାଇ ଢେଙ୍କାନାଳ ଆସନରୁ ଲଢ଼ନ୍ତୁ। ଏଠି ଯେତେ ଅର୍ଥ ଖର୍ଚ୍ଚ କଲେ ବି ଆପଣ ଜିତି ପାରିବେ ନାହିଁ ବୋଲି ବିଧାୟିକା ଦର୍ଶାଇଛନ୍ତି। ଅନ୍ୟପଟେ ବିଧାୟିକାଙ୍କ ଏଭଳି ପୋଷ୍ଟକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେଡି ସମର୍ଥକମାନେ ଏହାକୁ ସମର୍ଥନ କରୁଥିବାବେଳେ ଭାଜପା ସମର୍ଥକମାନେ ବିପରୀତ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଏ ସଂକ୍ରାନ୍ତରେ ବିଧାୟିକାଙ୍କ ମତାମତ ଲୋଡ଼ାଯିବାରେ ସେ ନିଜ ଫେସ୍‌ବୁକ୍ ଆକାଉଣ୍ଟରୁ ଏହି ପୋଷ୍ଟ କରିଥିବା ସ୍ୱୀକାର କରିଛନ୍ତି।

# ରଥଗଡ଼ାରେ ଖୋଲିଲା ଜଳଛତ୍ର

**ଢେଙ୍କାନାଳ ଅଫିସ, ୫।୪**

ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ପକ୍ଷରୁ ବୁଧବାର ଢେଙ୍କାନାଳ ରଥଗଡ଼ା ଅଞ୍ଚଳରେ ଜଳଛତ୍ର ଖୋଲାଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅସହ୍ୟ ତାତି, ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ଉକ୍ତ ଜଳଛତ୍ର ଦ୍ୱାରା ଉଠାଦୋକାନୀ, ବ୍ୟବସାୟୀ, ଯାତ୍ରୀ ଉପକୃତ ହେବେ ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି। ଆଗାମୀ ଦିନରେ ବସ୍‌ଷ୍ଟାଣ୍ଡ, ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ବାଜିଚୌକ୍‌ରେ ଜଳଛତ୍ର ଖୋଲାଯିବ। ପ୍ରତି ଗୁରୁବାର ସେଠାରେ ଦହି ସରବତ ବଣ୍ଟନ କରାଯିବ ବୋଲି ଟ୍ରଷ୍ଟ ଅଧ୍ୟକ୍ଷ ଶିବ ପ୍ରସାଦ ପଣ୍ଡା ସୂଚନା ଦେଇଛନ୍ତି। ଟ୍ରଷ୍ଟ ସଭାପତି ଅଜୟ ସାହୁ, କୋଷାଧ୍ୟକ୍ଷ ଅମରେନ୍ଦ୍ର ଖୁଣ୍ଟିଆ, ସୁବାସ ଦାସ, ଶକୁନ୍ତଳା ସାହୁ ରଘୁନନ୍ଦନ ସାହୁ, ରମାକାନ୍ତ ପତି, ଅମରେନ୍ଦ୍ର ସାହୁ, ରତିକାନ୍ତ ସେଠୀ, ଶାନ୍ତିଲତା ବେହେରା, ସୁଧାଂଶୁ ବେହେରା, ନନ୍ଦିତା ବେହେରା ପ୍ରମୁଖ ସହଯୋଗ କରିଥିଲେ।




ଜଳଛତ୍ର ଶୁଭାରମ୍ଭ ଅବସରରେ ସାଇ ସେବା ଟ୍ରଷ୍ଟର କର୍ମକର୍ତ୍ତାମାନେ।

# ଅଭିରାମଙ୍କ ଜୀବନୀ ଉପରେ ଆଲୋକପାତ

**ତାଳଚେର,୫।୪(ନି.ପ୍ର.)**

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଅନୁଗୋଳ ଜିଲା ବିଚାରଧାରା ଶାଖା ପକ୍ଷରୁ ୩୧ତମ ଆଭାସୀ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଶିକ୍ଷାବିତ୍ ଡ.ପ୍ରଶାନ୍ତ କୁମାର ରଥ ଏଥିରେ ଅଧ୍ୟକ୍ଷତା କରିଥିଲେ। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ କଟକ ଜିଲା ସଭାପତି ଜଗତ କିଶୋର ଦାସ ଯୋଗଦେଇ ଠାକୁର ଅଭିରାମ ପରମହଂସଙ୍କ ଆଧ୍ୟାତ୍ମିକ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶୁଭ୍ରା ମିଶ୍ର ଓଁକାର ବନ୍ଦନା ଗାନ କରିଥିବା ବେଳେ ଶାଖା ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ବିବେକାନନ୍ଦଙ୍କ ଦିବ୍ୟବାଣୀ ପାଠ କରିଥିଲେ। କବୟିତ୍ରୀ ଅନିତା ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂସଦର ଜିଲା ଉପସଭାପତି ପ୍ରତାପ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ବିବେକାନନ୍ଦ ଲୋକ ସଂସଦର ରାଜ୍ୟ ସଙ୍ଗଠନ ସମ୍ପାଦକ ଡ. ଚିତ୍ତରଞ୍ଜନ ନାୟକଙ୍କ ସମେତ ଓଡ଼ିଶାର ବିଭିନ୍ନ ଜିଲାରୁ ବହୁ ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପାଳିଲେ ବିଜୟ ଉତ୍ସବ




ଢେଙ୍କାନାଳରେ ଅନୁଷ୍ଠିତ ବିଜୟ ଶୋଭାଯାତ୍ରାରେ ବିଜେଡି ନେତୃବୃନ୍ଦ।

**ଢେଙ୍କାନାଳ ଅଫିସ, ୫।୪**

ହିନ୍ଦୋଳ ଏନ୍ଏସି ନିର୍ବାଚନରେ ବାଜିମାତ୍ ପରେ ଢେଙ୍କାନାଳରେ ବିଜୟ ଉତ୍ସବ ପାଳିଛି ବିଜୁ ଜନତା ଦଳ। ବୁଧବାର ସନ୍ଧ୍ୟାରେ ଦଳୀୟ ନେତୃବୃନ୍ଦ ଏବଂ କର୍ମୀମାନେ ଏକ ଶୋଭାଯାତ୍ରାରେ ଗୋପବନ୍ଧୁ ଟାଉନ ହଲ୍ ସମ୍ମୁଖରୁ ବାହାରି ବାଜିଚୌକ୍ ପର୍ଯ୍ୟନ୍ତ ଯାଇଥିଲେ। ଆତସବାଜିରେ ସହର କମ୍ପିଥିଲା। ଏହି ସଫଳତା ପରେ ବିଜୟୀ ପ୍ରାର୍ଥୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଧାୟକ ସୁଧୀର କୁମାର ସାମଲ, ବିଧାୟିକା ସୀମାରାଣୀ ନାୟକ ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ରାଜ୍ୟ ବନ ନିଗମ ଉପଦେଷ୍ଟା ଦେବୀ ପ୍ରସାଦ ଭୂତିଆ, ବରିଷ୍ଠ ନେତା ଲକ୍ଷ୍ମୀଧର ସାହୁ, ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ସାଇଶ୍ରୀ ପଟ୍ଟନାୟକ, ଯୁବନେତା ଶ୍ରୀକାନ୍ତ ଧଳ, ଜିଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, କାର୍ଯ୍ୟକାରୀ ସଭାପତି ରୁବି ବିଶ୍ୱାଳ, ଉର୍ବଶୀ ମହାପାତ୍ର, ପୂର୍ବତନ ନଗରପାଳ ସୁଧାଂଶୁ ଦଳେଇ, ଗଙ୍ଗାଧର ରାଉତଙ୍କ ସମେତ ବହୁ ଦଳୀୟ କାଉନ୍ସିଲର ଓ କର୍ମକର୍ତ୍ତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଡିକି ଭାଙ୍ଗି ନେଇଗଲେ ଟଙ୍କା

**ଅନୁଗୋଳ ଅଫିସ, ୫।୪:** ଅନୁଗୋଳ ଜିଲା ବନ୍ତଲା ଥାନା ଅଞ୍ଚଳରେ ଶ୍ରୀଧର କୁମାର ପ୍ରଧାନଙ୍କ ଗାଡ଼ି ଡିକି ଭାଙ୍ଗି ଟଙ୍କା ଲୁଟ୍ ହୋଇଛି। ଏ ନେଇ ଶ୍ରୀଧର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ.୧୫୩/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଶ୍ରୀଧର ଏକ ଏସ୍‌ବିଆଇ ପଏଣ୍ଟ କରି ସେବା ଯୋଗାଉଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ସେ ବନ୍ତଲାଠାରେ ଥିବା ଏସ୍‌ବିଆଇର ମୁଖ୍ୟ ଶାଖାକୁ ଯାଇ ୯୭ ହଜାର ୬୦୦ ଟଙ୍କା ଉଠାଇଥିଲେ। ଟଙ୍କାକୁ ଗାଡ଼ି (ନଂ. ଓଡି୧୯ ପି ୦୭୩୪) ଡିକିରେ ରଖି ଫଳ କିଣିବାକୁ ଯାଇଥିଲେ। ଫଳ କିଣି ଆସିବା ପରେ ଗାଡ଼ି ଡିକି ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ବାଇକ୍ ଜବତ, ଜଣେ ଗିରଫ

**ବଇଣ୍ଡା,୫।୪(ଡି.ଏନ.ଏ.):** ମଦ୍ୟପାନ କରି ବାଇକ୍ ଚଳାଇବା ଅଭିଯୋଗରେ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ବୁଧବାର ଗୁଣ୍ଡୁରୀଖଳି ନିକଟରୁ ଆମ୍ବନାଳୀ ଗ୍ରାମର ସୁଧାଂଶୁ ପ୍ରଧାନଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇକ୍ ଜବତ କରାଯାଇଛି। ପୋଲିସ କହିଛି, ସୁଧାଂଶୁ ମଦ୍ୟପାନ କରି ବାଇକ ଚଳାଉଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଛି। ଏ ନେଇ ନମ୍ବର ୯୧/୨୩ ରେ ଏକ ମାମଲା ରୁଜୁ ହୋଇଛି।

# ନବକୃଷ୍ଣଙ୍କ ପ୍ରତିମୂର୍ତ୍ତି ପୁନଃସ୍ଥାପନ କରିବେ ସରକାର

**ଅନୁଗୋଳ ଅଫିସ/ଭୁବନେଶ୍ୱର, ୫।୪**

■ଅନୁଗୋଳ ଗୋପବନ୍ଧୁ ପାର୍କରୁ ହଟିଲା ତ୍ରୁଟିପୂର୍ଣ୍ଣ ପ୍ରତିମୂର୍ତ୍ତି

■ଆଜି ଅନୁଗୋଳ ଆସୁଛନ୍ତି ଉଚ୍ଚସ୍ତରୀୟ ଅଫିସର ଦଳ

ଅନୁଗୋଳ ସହରସ୍ଥିତ ଗୋପବନ୍ଧୁ ପାର୍କରେ ନବନିର୍ମିତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ତ୍ରୁଟିପୂର୍ଣ୍ଣ ପ୍ରତିମୂର୍ତ୍ତିକୁ ନେଇ ବିବାଦ ବଢ଼ିବା ପରେ ଏଥିରେ ହସ୍ତକ୍ଷେପ କରିଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଗୋପବନ୍ଧୁ ପାର୍କରୁ ଉକ୍ତ ତ୍ରୁଟିପୂର୍ଣ୍ଣ ପ୍ରତିମୂର୍ତ୍ତି ହଟାଇ ଦିଆଯାଇଛି। ଓଡ଼ିଶା ବିଧାନସଭା ସମ୍ମୁଖରେ ଥିବା ନବକୃଷ୍ଣଙ୍କ ପ୍ରତିମୂର୍ତ୍ତି ଢାଞ୍ଚାରେ ରାଜ୍ୟ ସରକାର ଆଉ ଏକ ପ୍ରତିମୂର୍ତ୍ତି ନିର୍ମାଣ କରିବା ପରେ ତାହାକୁ ଅନୁଗୋଳରେ ପୁନଃସ୍ଥାପନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଏହି ନିଷ୍ପତ୍ତି ଗ୍ରହଣ କରିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

ବିଭାଗ ପକ୍ଷରୁ ଆହୁରି କୁହାଯାଇଛି, ଅନୁଗୋଳଠାରେ ନବକୃଷ୍ଣ ଚୌଧୁରୀଙ୍କ ଯେଉଁ ତ୍ରୁଟିପୂର୍ଣ୍ଣ ପ୍ରତିମୂର୍ତ୍ତି ଅନୁଗୋଳ ପୌରପାଳିକା ଦ୍ୱାରା ସ୍ଥାପନ କରାଯାଇଥିଲା, ତାହାକୁ ହଟାଇ ଦିଆଯାଇଛି। ନୂତନ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ନିର୍ମାଣ ହୋଇସାରିଲେ ତାହା ସେଠାରେ ପୁନଃସ୍ଥାପିତ ହେବ। ଏଥିସହ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀଙ୍କ ଅନୁଗୋଳସ୍ଥିତ ଅନୁଷ୍ଠାନ ବାଜି ରାଉତ ଛାତ୍ରାବାସର ପୁନରୁଦ୍ଧାର ଓ ସଂରକ୍ଷଣ ତଥା ସମୂହ ବିକାଶ ପାଇଁ ରାଜ୍ୟ ସରକାର ଯଥାଶୀଘ୍ର ପଦକ୍ଷେପ ନେବେ। ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଅଫିସର ଦଳ ଗୁରୁବାର ବାଜି ରାଉତ ଛାତ୍ରାବାସ ଗସ୍ତ କରିବେ। ଏହି ଅଫିସର ଦଳରେ ଓବିସିସିର ପରିଚାଳନା ନିର୍ଦ୍ଦେଶକ, ସଂସ୍କୃତି ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଏବଂ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ସୁଆଣ୍ଡୋର ସଂରକ୍ଷଣ ତଥା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶିଳ୍ପୀ ଜୟନ୍ତ ଦାସ ସାମିଲ ହେବେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ପ୍ରତିମୂର୍ତ୍ତି ଓ ବାଜି ରାଉତ ଛାତ୍ରାବାସ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରାଯିବାକୁ ନିଷ୍ପତ୍ତି ହୋଇଛି।

ଅନ୍ୟପକ୍ଷରେ ତ୍ରୁଟିପୂର୍ଣ୍ଣ ପ୍ରତିମୂର୍ତ୍ତି ନିର୍ମାଣ ସମ୍ପର୍କରେ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ବୁଧବାର ଏକ ସ୍ପଷ୍ଟୀକରଣ ରଖିଛନ୍ତି। ସେ କହିଛନ୍ତି, ଗୋପବନ୍ଧୁ ଉଦ୍ୟାନରେ ସ୍ଥାପନ କରାଯାଇଥିବା ୧୧ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଇ–ଟେଣ୍ଡର କରାଯାଇଥିଲା। ଅନୁଗୋଳର ଜଣେ ଠିକାଦାର ଏହି ଟେଣ୍ଡର ନେଇଥିଲେ। ନାଗପୁର କାରିଗରଙ୍କ ଦ୍ୱାରା ଏହା ନିର୍ମାଣ କରାଯାଇ ନାହିଁ। ଏହି ପ୍ରକଳ୍ପ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରାଯାଇ ନାହିଁ। ତ୍ରୁଟିପୂର୍ଣ୍ଣ ପ୍ରତିମୂର୍ତ୍ତିକୁ ଖୋଲି ନିଆଯାଇଛି।



ଗୋପବନ୍ଧୁ ପାର୍କରୁ ନବକୃଷ୍ଣ ଚୌଧୁରୀଙ୍କ ତ୍ରୁଟିପୂର୍ଣ୍ଣ ପ୍ରତିମୂର୍ତ୍ତି ଖୋଲି ନିଆଯାଇଛି।

## ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ନିନ୍ଦା

**ଅନୁଗୋଳ ଅଫିସ, ୫।୪**

ଅନୁଗୋଳ ସହର ଗୋପବନ୍ଧୁ ପାର୍କରେ ପୌରପାଳିକା ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ତାଳଚେର ପ୍ରଜା ଆନ୍ଦୋଳନର ସଂଗ୍ରାମୀ ନେତା ପବିତ୍ରମୋହନ ପ୍ରଧାନଙ୍କ ତ୍ରୁଟିପୂର୍ଣ୍ଣ ପ୍ରତିମୂର୍ତ୍ତି ସ୍ଥାପନକୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଅନୁଗୋଳ ଜିଲା କମିଟି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଅନୁଗୋଳ ଜିଲାର ସଚେତନ ଜନସାଧାରଣଙ୍କ ଦାବି, ଆପତ୍ତି, ମତାମତକୁ ବିଚାର ନ କରି ତରବରିଆ ଭାବେ ସହର ସୌନ୍ଦର୍ଯ୍ୟକରଣ ନାଁରେ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କୁ ଲୋକ ଦେଖାଣିଆ ସମ୍ମାନ ପ୍ରଦର୍ଶନ ଆଳରେ ଏପରି କରାଯାଇଥିବାରୁ ତାହାକୁ ଦଳ ପକ୍ଷରୁ ଦୃଢ଼ ସମାଲୋଚନା କରାଯାଇଛି। ଗୋପବନ୍ଧୁ ପାର୍କରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ରୁଟିପୂର୍ଣ୍ଣ ପ୍ରତିମୂର୍ତ୍ତି ସ୍ଥାପନକୁ ଜିଲାର ସଚେତନ ନାଗରିକମାନେ ସମାଲୋଚନା କରିବା ପରେ ସେହି ତ୍ରୁଟିଗୁଡ଼ୁକୁ ସୁଧାରିବାକୁ ଯାଇ ପୁନର୍ବାର ତ୍ରୁଟି କରିବା ଜିଲା ଓ ପୌର ଅଧିକାରୀଙ୍କ ଅପରିପକ୍ୱତାର ପରିଚୟ ବୋଲି ଦଳ ପକ୍ଷରୁ ପ୍ରକାଶ କରାଯାଇଛି। ତୁରନ୍ତ ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷଙ୍କ ଠିକ୍ ପ୍ରତିମୂର୍ତ୍ତି ସ୍ଥାପନ କରିବା ଦିଗରେ ବାସ୍ତବ ପଦକ୍ଷେପ ନେବାକୁ ଅନୁଗୋଳ ଜିଲା କମିଟି ସମ୍ପାଦକ ଭିକାରୀ ପ୍ରଧାନ, ସଭ୍ୟ ନବକିଶୋର ପ୍ରଧାନ, ପ୍ରହ୍ଲାଦ ଚନ୍ଦ୍ର ସାହୁ, ଜୟସେନ ମେହେର, ବ୍ରଜବନ୍ଧୁ ସାହୁ, ସୁବାସ ପ୍ରଧାନ, ମାନସ ପାଳ, ତୀର୍ଥବାସୀ ଭୋଇ, ରଣଜିତ ପ୍ରଧାନ, ସରୋଜିନୀ ନାୟକ, ମନ୍ଦୋଦରୀ ରାଉଳ, ମାନସୀ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

## ପୂଜ୍ୟପୂଜାଙ୍କୁ ଅସମ୍ମାନ କରାଯାଇଛି

**ଅନୁଗୋଳ ଅଫିସ, ୫।୪**

ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ତ୍ରୁଟିପୂର୍ଣ୍ଣ ପ୍ରତିମୂର୍ତ୍ତି ସ୍ଥାପନକୁ ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ନବକୃଷ୍ଣଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ନାମରେ ଯେଉଁଭଳି ତରବରିଆ ଭାବେ ପ୍ରତିମୂର୍ତ୍ତି ନିର୍ମାଣ ଓ ଅପସାରଣ କରାଗଲା ତାହା ନବକୃଷ୍ଣଙ୍କ ପ୍ରତି ଅସମ୍ମାନ ବୋଲି କମିଟି ପକ୍ଷରୁ କୁହାଯାଇଛି। ଜିଲା ଓ ପୌର ପ୍ରଶାସନର ଏହି ଅସମ୍ମାନ ପ୍ରଦର୍ଶନ ଅନୁଗୋଳ ଜିଲାର ସ୍ୱାଭିମାନ ପ୍ରତି କୁଠାରାଘାତ ବୋଲି କମିଟି ପକ୍ଷରୁ ପ୍ରକାଶ କରାଯାଇଛି। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନ, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଅଭିମନ୍ୟୁ ସ୍ୱାଇଁ, ବ୍ରଜବନ୍ଧୁ ସାହୁ, ନିରୋଦ ଚନ୍ଦ୍ର ପାଳ, ତ୍ରିଲୋଚନ ଜେନା, ପଠାଣି ବାରିହା, ଦାମୋଦର ଦାସ, ତ୍ରେତାନନ୍ଦ ସାମନ୍ତ ପ୍ରମୁଖ ଦାବି କରିଛନ୍ତି।

## ମାସେ ସମୟ ମାଗିଲା ବସ୍ ମାଲିକ ସଂଘ

**ଅନୁଗୋଳ ଅଫିସ, ୫।୪**

**ନୂଆ ବସ୍ ଟର୍ମିନାଲକୁ ବସ୍ ପ୍ରବେଶ ପ୍ରସଙ୍ଗ**

ଅନୁଗୋଳରେ ନିର୍ମାଣ ହୋଇଥିବା ନୂତନ ବସ୍ ଟର୍ମିନାଲକୁ ବସ୍ ପ୍ରବେଶ ନେଇ ବିବାଦ ଲମ୍ବିବାରେ ଲାଗିଛି। ୨ ଦିନ ତଳେ ପୌରପାଳିକା କାର୍ଯ୍ୟାଳୟ ଠାରେ ପୌର ନିର୍ବାହୀ ଅଧିକାରୀ, ପରିବହନ ଅଧିକାରୀ, ଘରୋଇ ବସ୍ ମାଲିକ ସଂଘ ସହ ଅନ୍ୟ ୫ଟି ସଂଘ, ଓଏସ୍ଆର୍‌ଟିସି ଓ ନୂତନ ବସ୍ ଟର୍ମିନାଲ ନିର୍ମାଣ କରିଥିବା ସଂସ୍ଥା କର୍ତ୍ତୃପକ୍ଷ ଆଲୋଚନା କରିଥିଲେ। କିନ୍ତୁ କୌଣସି ନିଷ୍କର୍ଷ ବାହାରିପାରି ନ ଥିବାବେଳେ ଜିଲାପାଳ ମଙ୍ଗଳବାର ନିର୍ଦ୍ଦେଶନାମା ଜାରି କରି ୭ ତାରିଖରେ ନୂତନ ବସ୍ ଟର୍ମିନାଲରେ ବସ୍ ପାର୍କିଂ ହେବ ବୋଲି କହିଥିଲେ। କିନ୍ତୁ ଅନୁଗୋଳ ଘରୋଇ ବସ୍ ମାଲିକ ସଂଘ ସଭାପତି ମାନସ ସାମଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ପୌର ନିର୍ବାହୀ ଅଧିକାରୀଙ୍କୁ ଭେଟି ଏକ ମାସ ମହଲତ ମାଗିଥିବା ଜଣାପଡ଼ିଛି। ବସ୍ ମାଲିକ ସଂଘ ପକ୍ଷରୁ କୁହାଯାଇଛି ଯେ, ବସ୍ ପାର୍କିଂ ପାଇଁ ନିର୍ମାଣକାରୀ ସଂସ୍ଥା ଧାର୍ଯ୍ୟ କରିଥିବା ଦେୟ ଦେଇ କାରବାର କରିବା ସମ୍ଭବ ନୁହେଁ। ତେଣୁ ଓଏସ୍ଆର୍‌ଟିସି କରିଥିବା ଦରରେ ଗାଡ଼ି ପାର୍କିଂ କରିବୁ। ନଚେତ୍ ଗୋଟିଏ ମାସ ସମୟ ପ୍ରଦାନ କରାଗଲେ ଅନ୍ୟ ଆସୋସିଏଶନ୍ ଓ ରାଜ୍ୟ ସଂଘ ସହ ଆଲୋଚନା କରି ନିଷ୍ପତ୍ତି ଜଣାଇବାକୁ। ଏ ନେଇ ସଭାପତି ମାନସ ସାମଲ ପୌର ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି। ତେବେ ଏକ ମାସ ମଧ୍ୟରେ ନିଷ୍ପତ୍ତି ଜଣାଇବାକୁ ପୌର ପ୍ରଶାସନ ସଂଘକୁ ଅନୁମତି ପ୍ରଦାନ କରିଥିବା ଜଣାପଡ଼ିଛି।

## ସ୍ଥାୟୀ ଚିକିତ୍ସା ଅଧିକାରୀ ନିଯୁକ୍ତି ଦାବି



ସରପଞ୍ଚ ଦେଉଥିବା ଦାବିପତ୍ର ସହକାରୀ ଜିଲାପାଳ ଗ୍ରହଣ କରୁଛନ୍ତି।

**ଆଠମଲ୍ଲିକ/ ମାଧପୁର, ୫।୪ (ଡି.ଏନ.ଏ.)**

ଆଠମଲ୍ଲିକ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ଓ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଚିକିତ୍ସା ଅଧିକାରୀ ନିଯୁକ୍ତି ଦାବିକରି କୁଦଗାଁ ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତି ଉପଖଣ୍ଡ ପ୍ରଶାସନକୁ ଦାବିପତ୍ର ଦେଇଛନ୍ତି। ଉପଖଣ୍ଡ ମୁଖ୍ୟ ଡାକ୍ତରଖାନା ଓ ମାଧପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ଦିନ ହେଲା ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଦାୟିତ୍ୱରେ ରହିଥିବାରୁ ପ୍ରଶାସନିକ ଅବ୍ୟବସ୍ଥା ଦେଖା ଦେଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଏହି ଦାବିପତ୍ରକୁ ସହକାରୀ ଜିଲାପାଳ କୁଳମଣି ଦଳେଇ ଗ୍ରହଣ କରିଥିଲେ। ସେହିପରି ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ଅମରେଶ ମିଶ୍ର ସେପ୍ଟେମ୍ବର ୨୦୨୧ରୁ ଡେପୁଟେଶନରେ କଟକର ସିଟି ହସ୍ପିଟାଲରେ କାର୍ଯ୍ୟ କରୁଛନ୍ତି। ଏପଟେ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକାରୀ ନ ଥିବାରୁ ଆଠମଲ୍ଲିକ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଏସ୍‌ଡିଏମ୍‌ଓ ଉକ୍ତ ଦାୟିତ୍ୱ ନେଇଥିଲେ ହେଁ ଆବଶ୍ୟକ ସମୟ ଦେଇପାରୁ ନାହାନ୍ତି। ତେଣୁ ଡେପୁଟେଶନରେ ଥିବା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଫେରାଇ ଆଣିବାକୁ ଦାବିକରି ବୁଧବାର କିଆକଟା ପଞ୍ଚାୟତର ସମିତି ସଭ୍ୟା ଶୁଶ୍ରିତା କର୍ଣ୍ଣ ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ଆଠମଲ୍ଲିକ କ୍ରିମିନାଲ ଓକିଲ ସଂଘ ତରଫରୁ ଉପଜିଲାପାଳଙ୍କ ଜରିଆରେ ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

## ବ୍ୟବସାୟିକ ପ୍ରତିଷ୍ଠାନରେ ଜିଏସ୍‌ଟି ଚଢ଼ାଉ

**ଅନୁଗୋଳ ଅଫିସ, ୫।୪**

ଅନୁଗୋଳ ଜିଲା ତାଳଚେର କୁମୁଣ୍ଡାର ଓମ୍ ରୋଡୱେଜ୍ ଟ୍ରାନ୍ସପୋର୍ଟ ଉପରେ ମଙ୍ଗଳବାର ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଦୀର୍ଘ ବର୍ଷ ହେବ ଏହି ଟ୍ରାନ୍ସପୋର୍ଟ ମାଲିକ ଜିଏସ୍‌ଟି ଫାଙ୍କି ଆସୁଥିଲେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଫଳରେ ଜିଏସ୍‌ଟିର ୧୫ ଜଣିଆ ଟିମ୍ ସ୍ଥାନୀୟ ପୋଲିସ ଓ ପ୍ରଶାସନକୁ ନେଇ ଦୀର୍ଘ ସମୟ ଧରି ଚଢ଼ାଉ କରିଥିଲା। ଜିଏସ୍‌ଟି ଚଢ଼ାଉ ହୋଇଥିବା ସଂସ୍ଥା ବଡ଼ ବଡ଼ ଗାଡିର ଟାୟାର ବିକ୍ରି କରେ। ଉକ୍ତ ସଂସ୍ଥା ଅନ୍‌ଲାଇନରେ ଜିଏସ୍‌ଟି ରିଟର୍ନ ଆପ୍ଲାଏ କରିଥିଲା। ତେବେ ତଥ୍ୟ ଠିକ୍ ନ ଥିବାରୁ ଜିଏସ୍‌ଟି ବିଭାଗ ଠକେଇ ସନ୍ଦେହ କରି ଏହି ଚଢ଼ାଉ କରିଥିଲା। ସେହିପରି ଅନୁଗୋଳର ଏକ ସଂସ୍ଥା ଉପରେ ଜିଏସ୍‌ଟି ଚଢ଼ାଉ କରାଯାଇଥିବା ସୂଚନା ମିଳିଛି।



## ଶୂନ୍ୟ ସଡ଼କ ଦୁର୍ଘଟଣା ମୃତ୍ୟୁ ସପ୍ତାହ ପାଳିତ

**ଅନୁଗୋଳ ଅଫିସ, ୫।୪**

ହୋଣ୍ଡା ମୋଟରସାଇକେଲ ଏବଂ ସ୍କୁଟର ଇଣ୍ଡିଆର ଅଧିକୃତ ବିକ୍ରେତା ଅନୁଗୋଳ ଲକ୍ଷ୍ମୀ ହୋଣ୍ଡାଠାରେ ମଙ୍ଗଳବାର ଶୂନ୍ୟ ସଡ଼କ ଦୁର୍ଘଟଣା ମୃତ୍ୟୁ ସପ୍ତାହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଲ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ସୁଜିତ କୁମାର ଅଗ୍ରୱାଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଉପସ୍ଥିତ ସମସ୍ତ ଗ୍ରାହକଙ୍କୁ ଗାଡି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାର ନ କରିବା, ସର୍ବଦା ହେଲମେଟ ବ୍ୟବହାର କରିବା, ମାଦକ ଦ୍ରବ୍ୟ ସେବନ ନ କରିବା, ଆବଶ୍ୟକ ଠାରୁ ଅଧିକ ଗତିରେ ଗାଡି ନ ଚଳାଇବା ଏବଂ ୧୮ବର୍ଷରୁ କମ୍ ବୟସର ପିଲାମାନଙ୍କୁ ଗାଡି ଚଳାଇବାକୁ ନ ଦେବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ଲକ୍ଷ୍ମୀ ହୋଣ୍ଡାର ସ୍ୱତ୍ୱାଧିକାରୀ ବିକ୍ରମ ଅଗ୍ରୱାଲା ଉପସ୍ଥିତ ସମସ୍ତ ଗ୍ରାହକଙ୍କୁ ଏହିସବୁ ନିୟମ ପାଳନ କରିବା ସହ ହୋଣ୍ଡା ସେଲ୍ସ, ସର୍ଭିସ, ସ୍ପେୟାର ଓ ସୁରକ୍ଷାକୁ ବହୁମାତ୍ରାରେ ଗୁରୁତ୍ୱ ଦେଇଥାଏ ବୋଲି ଜଣାଇଥିଲେ।




ଲକ୍ଷ୍ମୀ ହୋଣ୍ଡାଠାରେ ଶୂନ୍ୟ ସଡ଼କ ଦୁର୍ଘଟଣା ମୃତ୍ୟୁ ସପ୍ତାହ ପାଳନ କରାଯାଉଛି।

## ଖାଲରେ ପଡ଼ି ଯୁବକ ମୃତ

**ଅନୁଗୋଳ ଅଫିସ, ୫।୪**

ଅନୁଗୋଳ ଜିଲା ତାଳଚେର ଥାନା ସୁନାଖଣି ଅଞ୍ଚଳର ଡମ୍ବରୁଧର ପ୍ରଧାନ(୪୦)ଙ୍କ ଖାଲରେ ପଡ଼ି ମଙ୍ଗଳବାର ମୃତ୍ୟୁ ହୋଇଛି। ଏ ନେଇ ତାଙ୍କ ଦାଦା ଶ୍ରୀପତି ପ୍ରଧାନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୨୦୨/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଡମ୍ବରୁଧର ଏକ ବାଇକ୍ (ନଂ. ଓଆର ୧୯ ଡି–୦୨୫୫)ରେ ପୂର୍ବାହ୍ନରେ ଘରକୁ ଫେରୁଥିଲେ। ଏହି ସମୟରେ ଏକ ଗାଡ଼ି ତାଙ୍କୁ ସାଇଡ୍ ମାରିବାରୁ ସେ ଭାରସାମ୍ୟ ହରାଇ ନୂଆ ବଲଣ୍ଡାରେ ଚାଲୁଥିବା ପାଇପ ଲାଇନ୍ ଖାଲରେ ଗଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଗୋଡ଼ିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ମଣ୍ଡାପାଳ ମେଡିକାଲ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## 'ସର୍ଭେ କାର୍ଯ୍ୟ ଠିକ୍ ଭାବେ ସମ୍ପନ୍ନ କର'

**ଅନୁଗୋଳ ଅଫିସ, ୫।୪**

ଅନୁଗୋଳ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ବୁଧବାର ପୂର୍ବାହ୍ନରେ ପଛୁଆ ବର୍ଗ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାର ପଛୁଆ ବର୍ଗଙ୍କ ସାମାଜିକ ଓ ଶିକ୍ଷାଗତ ସର୍ଭେ ନିମନ୍ତେ ଏକ ମାଷ୍ଟର ଟ୍ରେନର ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଅନ୍ୟ ଅତିଥିବୃନ୍ଦ ଶୁଭାରମ୍ଭ କରିଥିଲେ। ଏହି କର୍ମଶାଳାରେ ଅଧ୍ୟକ୍ଷତା କରି ଜିଲାପାଳ ସର୍ଭେ କାର୍ଯ୍ୟକୁ ଠିକ୍ ଭାବେ ସମ୍ପନ୍ନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଗୋଳ ଜିଲାର ୮ଟି ବ୍ଲକ, ୨ଟି ପୌରପାଳିକା ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳ ପରିଷଦରେ ମୋଟ ୮୨୧ ଗୋଟି କେନ୍ଦ୍ରରେ ଏହି ସର୍ଭେ ସମ୍ପାଦିତ ହେବ। ଏଥିପାଇଁ ୮୯୩ ଜଣ ପରିଗଣନାକାରୀ ଓ ୯୨ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି। ସାରା ରାଜ୍ୟରେ ମେ ୧ରୁ ସର୍ଭେ ଆରମ୍ଭ ହୋଇ ୨୦ ତାରିଖରେ ଶେଷ ହେବ। ଏଥିପାଇଁ ଅନୁଗୋଳ ଜିଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଶାସନ ସଚିବ ତଥା ଜିଲା ପର୍ଯ୍ୟବେକ୍ଷକ ଏସ୍.କେ. ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା, ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




କର୍ମଶାଳାରେ ଅନୁଗୋଳ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

## ମୁଖ୍ୟ ଚିକିତ୍ସାଳୟରେ ଖୋଲିଲା କ୍ୟାଣ୍ଟିନ୍

**ଅନୁଗୋଳ ଅଫିସ, ୫।୪**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବୁଧବାର ଅପରାହ୍ନରେ ଏକ କ୍ୟାଣ୍ଟିନ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି କ୍ୟାଣ୍ଟିନ୍‌କୁ ହେମସୁରପଡ଼ା ସ୍ୱୟଂ ସହାୟିକା ଗୋଷ୍ଠୀ ପରିଚାଳନା କରିବ। ଏହାଦ୍ୱାରା ରୋଗୀଙ୍କ ସମ୍ପର୍କୀୟଙ୍କୁ ବିଭିନ୍ନ ଖାଦ୍ୟ ପଦାର୍ଥ ସହଜରେ ମିଳିପାରିବ ବୋଲି ମୁଖ୍ୟ ଅତିଥି କହିଥିଲେ। ସେହିପରି କ୍ୟାଣ୍ଟିନ୍‌ରେ ଚା, କଫି, ସ୍ନାକ୍ସ, ମୃଦୁ ପାନୀୟ ଜଳ, କ୍ଷୀର, ପାଉଁରୁଟି ଆଦି ସହଜରେ ଉପଲବ୍ଧ ହେବ। ଆଗାମୀ ଦିନରେ ମିଲ୍ସ ପାର୍ସଲ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ, ଅତିରିକ୍ତ ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଡାକ୍ତର ଧନଞ୍ଜୟ ବେହେରା, ଡିପିଏମ୍ ଦୀପକ ମହାନ୍ତି, ମିଶନ ଶକ୍ତି ଡିପିସି ବସନ୍ତ ମଲ୍ଲିକ, ମେଡିକାଲ ମ୍ୟାନେଜର ଦେବାଶିଷ ଦାସଙ୍କ ସମେତ ମେଡିକାଲର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।




## ରୋଗୀ ମୃତ୍ୟୁକୁ ନେଇ ମେଡିକାଲରେ ଉତ୍ତେଜନା

**ଅନୁଗୋଳ ଅଫିସ, ୫।୪**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବୁଧବାର ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ଚିକିତ୍ସା ଅବହେଳାରୁ ବଣ୍ଟରପାଳ ବ୍ଲକ ତଳମୂଳ ଅଞ୍ଚଳର ସୁବାଶିଷ ଦାସଙ୍କ ସ୍ତ୍ରୀ ଶିକ୍ଷା ପଟ୍ଟନାୟକ(୧୯)ଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ ଆଣିଥିଲେ। ପରେ ଘଟଣାସ୍ଥଳରେ ଅନୁଗୋଳ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ଆୟତ୍ତକୁ ଆସିଥିଲା।

ମୃତକଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ବୁଧବାର ଅପରାହ୍ନରେ ଶିକ୍ଷା ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। କାଜୁଆଲଟିରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି କରାଯାଇଥିଲା। ସେଠାକୁ ରୋଗୀ ନିଜେ ଚାଲିକରି ଯାଇଥିବା ବେଳେ ଔଷଧ ଓ ସାଲାଇନ୍ ଦେବାର ୧୦ ମିନିଟ୍ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଭୁଲ ଚିକିତ୍ସା କରି ମେଡିକାଲ କର୍ତ୍ତୃପକ୍ଷ ରୋଗୀଙ୍କୁ ମାରିଦେଲେ। ତେବେ ଏ ନେଇ ଅଭିଯୋଗ କରିବାରୁ ମେଡିକାଲ କର୍ତ୍ତୃପକ୍ଷ ଲୋକଙ୍କୁ ନାଲି ଆଖି ଦେଖାଇଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ମେଡିକାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ମେଡିକାଲ କର୍ତ୍ତୃପକ୍ଷ ତୁରନ୍ତ ବୁଝାଶୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ପରେ ଅନୁଗୋଳ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୋଲିସ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଏ ନେଇ ଏଡିଏମ୍‌ଓ (ମେଡିକାଲ) ମାନସ ରଞ୍ଜନ ବିଶ୍ୱାଳଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ସେ ମିଟିଂରେ ଥିବାରୁ ପ୍ରତିକ୍ରିୟା ଦେଇପାରି ନ ଥିଲେ।



**ଚିକିତ୍ସାରେ ଅବହେଳା ଅଭିଯୋଗ ଆଣିଲେ ପରିବାର**

## ସଂକ୍ଷେପରେ

### ଦାଦାବଟି ନ ଦେବାରୁ ମାଡ଼: ୪ ଆହତ

ଛେଣ୍ଡିପଦା,୫।୪(ସ୍ୱ.ପ୍ର.): ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ବଡ କେରଜେଙ୍ଗଠାରେ ପୋଲିସ ଗୃହ ନିର୍ମାଣ ନିଗମ ପକ୍ଷରୁ ପବ୍ଲିକ ହେଲ୍ଥ ସେଣ୍ଟର ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଦାଦା ବଟି ନ ଦେବାରୁ ଠିକାସଂସ୍ଥାର ଇଞ୍ଜିନିୟର, ମ୍ୟାନେଜର, ଡ୍ରାଇଭର ଏବଂ ଅନ୍ୟ କର୍ମଚାରୀଙ୍କୁ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ନିଶା ଶିଳ୍ପାଞ୍ଚଳ ଥାନା ବଡକେରଜାଙ୍ଗ ଗ୍ରାମରେ ପୋଲିସ ଗୃହ ନିର୍ମାଣ ନିଗମ ପକ୍ଷରୁ ଏକ ପବ୍ଲିକ୍ ହେଲ୍ଥ ସେଣ୍ଟର ନିର୍ମାଣ କାର୍ଯ୍ୟ ଚାଲିଛି। ବୁଧବାର ସକାଳେ ନିର୍ମାଣ କାମ ଚାଲିଥିବାବେଳେ ୨ ଜଣ ଯୁବକ କାମ ହେଉଥିବା ସ୍ଥାନକୁ ଆସି ଠିକା ସଂସ୍ଥାର ଇଞ୍ଜିନିୟର ଅନନ୍ତ ଚରଣ ସେଠୀଙ୍କୁ ଦାଦାବଟି ମାଗିବା ସହ ମାଡପିଟ କରିଥିଲେ। ସଂସ୍ଥାର ମ୍ୟାନେଜର ଏସ. କେ. ମହମ୍ମଦ ଅଲ୍ଲୀ, ଓଡିଶା ପୋଲିସ ହଉସିଂ ବୋର୍ଡର କର୍ମଚାରୀ ମଙ୍ଗୁଳିଚରଣ ବେହେରା ପହଞ୍ଚି ଯୁବକମାନଙ୍କୁ ବାରଣ କରିଥିଲେ। ଏହାପରେ ଯୁବକ ଦ୍ୱୟଙ୍କ ୧୫ ସହଯୋଗୀ ପହଞ୍ଚି କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ଏସ. କେ. ମହମ୍ମଦ ଅଲ୍ଲୀ, ମଙ୍ଗୁଳି ଚରଣ ବେହେରା, ଅନନ୍ତ କୁମାର ସାହୁ ଏବଂ ଡ୍ରାଇଭର ଦୁଃଖିଶ୍ୟାମ ବରାଳ ଆହତ ହେଇଛନ୍ତି। ପୋଲିସ ନଂ. ୬୧/୨୩ରେ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ପ୍ରକାଶ କରିଛନ୍ତି।

## ବଇଣ୍ଡା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

- ଅଭିଯୋଗ ରଖୁନି ବଇଣ୍ଡା ଫାଣ୍ଡି ପୋଲିସ
- ଠିକ୍ ଭାବେ କରାଯାଉନି ରାତ୍ରି ପାଟ୍ରୋଲିଂ
- ୬ ମାସ ହେବ ବସିନି ଆମ ପୋଲିସ ସମିତି ବୈଠକ


ବଇଣ୍ଡା ଫାଣ୍ଡି କାର୍ଯ୍ୟାଳୟ।

ବଇଣ୍ଡା, ୫।୪ (ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ତଥା ଆଖପାଖ ଅଞ୍ଚଳରେ କିଛି ମାସ ହେବ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବଇଣ୍ଡା ଫାଣ୍ଡି ପୋଲିସ ପକ୍ଷରୁ ଠିକ୍ ଭାବେ ରାତ୍ରି ପାଟ୍ରୋଲିଂ କରାଯାଉ ନ ଥିବା ବେଳେ ଅନେକ ସମୟରେ ଏତଲା ନ ରଖି ହଣ୍ଡପା ଥାନାକୁ ଅଭିଯୋଗକାରୀଙ୍କୁ ପଠାଇ ଦିଆଯାଉଛି। ଏ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଥିବା ସମ୍ପର୍କରେ ବଇଣ୍ଡା ଗ୍ରାମବାସୀ ମଙ୍ଗଳବାର ଅନୁଗୋଳ ଜିଲା ଏସ୍‌ପିଙ୍କୁ ଅଭିଯୋଗ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଏହାର ଏକ ନକଲ ମୁଖ୍ୟମନ୍ତ୍ରୀ, ୫–ଟି ସଚିବ ଓ ଗୃହ ବିଭାଗ ସଚିବଙ୍କ ନିକଟକୁ ପଠାଇ ଦିଆଯାଇଛି।

ଅଭିଯୋଗରେ ଗ୍ରାମବାସୀ ଦର୍ଶାଇଛନ୍ତି, ନୁନୁକାପଶି, ଗାଁ ବଇଣ୍ଡା, ଜାମୁନାଳୀର ୩୫ ଖଣ୍ଡ ଗ୍ରାମକୁ ସୁରକ୍ଷା ଦେବା ପାଇଁ ବଇଣ୍ଡାଠାରେ ୧୯୯୮ ମସିହାରେ ଫାଣ୍ଡି ସ୍ଥାପନ ହୋଇଥିଲା। ଏହି ଫାଣ୍ଡିରେ ବର୍ତ୍ତମାନ ଜଣେ ଅଧିକାରୀଙ୍କ ସହ ଜଣେ କନଷ୍ଟେବଲ ନିଯୁକ୍ତି ପାଇଛନ୍ତି। ଫାଣ୍ଡିକୁ ଏକ ପୋଲିସ ଭ୍ୟାନ୍ ମଧ୍ୟ ଯୋଗାଇ ଦିଆଯାଇଛି। ହେଲେ ୩ ମାସ ହେବ ଆଇନଶୃଙ୍ଖଳା ରକ୍ଷା ଦିଗରେ ଫାଣ୍ଡି ପକ୍ଷରୁ ଉପଯୁକ୍ତ ଧ୍ୟାନ ଦିଆଯାଉ ନାହିଁ। ହଣ୍ଡପା ଥାନାରେ କାର୍ଯ୍ୟଭାର ପଡୁଥିବା ଯୋଗୁ ଅନେକ ସମୟରେ ବଇଣ୍ଡା ଫାଣ୍ଡି ଅଧିକାରୀ ଫାଣ୍ଡିରେ ଅନୁପସ୍ଥିତ ରହୁଛନ୍ତି। ଫଳରେ ଅଭିଯୋଗ କରିବା ପାଇଁ ଫାଣ୍ଡିକୁ ଯାଉଥିବା ଲୋକଙ୍କୁ ହଣ୍ଡପା ଥାନାରେ ଏତଲା ଦେବାକୁ କୁହାଯାଉଥିବାରୁ ସେମାନେ ୭ କିଲୋମିଟର ଦୂର ହଣ୍ଡପା ଥାନାକୁ ଯାଇ ଅଯଥା ଖର୍ଚ୍ଚାନ୍ତ ଓ ହଇରାଣ ହେଉଛନ୍ତି। ଏଥିସହ ବଇଣ୍ଡା ତଥା ଆଖପାଖ ଅଞ୍ଚଳରେ ବ୍ୟାପକ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି କରାଯାଉଥିବା ବେଳେ ପୋଲିସ ପକ୍ଷରୁ ଠିକ୍ ସମୟରେ ଚଢ଼ାଉ କରାଯାଉ ନାହିଁ। କେଉଁଠି କାଁ ଭାଁ ଚଢ଼ାଉ କରାଯାଇ ଜଣେ ୨ ଜଣଙ୍କୁ ଗିରଫ କରି ପୋଲିସ ବାହାବାଃ ନେଉଥିବା ବେଳେ ସନ୍ଧ୍ୟା ହେଲେ ଅନେକ ସ୍ଥାନରେ ଚୋରା ମଦ ଯୋଗୁ ଗଣ୍ଡଗୋଳ ସୃଷ୍ଟି ହେଉଛି। ଚୋରା ଗଞ୍ଜେଇ ସହ ଅଫିମ ଚାଲାଣ ହେଉଥିଲେ ମଧ୍ୟ ପୋଲିସ ଚୋରା ବେପାରୀଙ୍କ ପତ୍ତା ପାଇପାରୁନାହିଁ। ସେହିପରି ବଇଣ୍ଡା ଫାଣ୍ଡି ଅଞ୍ଚଳରେ ୬ ମାସ ହେବ ଆମ ପୋଲିସ ସମିତି ବୈଠକ କରାଯାଉ ନ ଥିବାରୁ ପୋଲିସ–ଜନତାଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହେଉ ନ ଥିବା ବଇଣ୍ଡା ବିକାଶ ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ତୁରନ୍ତ ଏଥିପ୍ରତି ଅନୁଗୋଳ ଏସ୍‌ପି ଦୃଷ୍ଟିଦେଇ ଫାଣ୍ଡିରେ ଆବଶ୍ୟକ କର୍ମଚାରୀ ନିଯୁକ୍ତି ଦେବା ସହ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କଡା ଚେତାବନୀ ଦିଆଯାଇଛି। ଏ ନେଇ ହଣ୍ଡପା ଆଇଆଇସି ନମିତା ନାୟକ କହିଛନ୍ତି, ପାଟ୍ରୋଲିଂ କଡ଼ାକଡ଼ି କରାଯାଉଛି। ଲୋକଙ୍କୁ ସେବା ଯୋଗାଇ ଦିଆଯାଉଛି।

## ରନ୍ଧା ହେଉଛି ଚୋରା ମହୁଲି: ଚଢ଼ାଉ ହେଉନି

ବଇଣ୍ଡା,୫।୪(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହି ତଥା ଆଖପାଖ ଅଞ୍ଚଳରେ କିଛିଦିନ ହେବ ବେଆଇନ ଭାବେ ଚୋରା ଦେଶୀ ମହୁଲି ମଦ ରନ୍ଧା ହେଉଛି। ହେଲେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ହେଉ ନ ଥିବା ଯୋଗୁ ପାଇକସାହି ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଗ୍ରାମବାସୀ ବୁଧବାର ଅନୁଗୋଳ ଅବକାରୀ ଜିଲା କାର୍ଯ୍ୟାଳୟକୁ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଗ୍ରାମବାସୀ କହିଛନ୍ତି, ଏହି ଅଞ୍ଚଳରେ ଥିବା କେତୋଟି ନାଳ ନିକଟରେ କେତେଜଣ ଚୋରା ମଦ ବ୍ୟବସାୟୀ ବେଆଇନ ଭାବେ ମଦ ରାନ୍ଧୁଛନ୍ତି। ମହୁଲ ସଂଗ୍ରହ କରି ଏହି ବେଆଇନ ମଦ ପ୍ରସ୍ତୁତ କରୁଥିବାବେଳେ ପରେ ସେଗୁଡ଼ିକ ବିଭିନ୍ନ ଗ୍ରାମକୁ ଚାଲାଣ କରୁଛନ୍ତି। ଫଳରେ ଏହି ଚୋରା ମଦ ଯୋଗୁ ଅନେକ ସମୟରେ ଗ୍ରାମ ଗୁଡ଼ିକରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେଉଛି। ଏ ନେଇ ବାରମ୍ବାର ଅବକାରୀ ବିଭାଗକୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ନେଇ ଆଠମଲ୍ଲିକ ଅବକାରୀ ଉପ ନିରୀକ୍ଷକ ଧରଣୀ ଧର ପ୍ରହରାଜ କହିଛନ୍ତି, ଅବକାରୀ ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ଚଢ଼ାଉ କରାଯିବ।


ଏକ ନାଳ ନିକଟରେ ମହୁଲି ମଦ ରନ୍ଧା ଯାଉଛି।

## ଗାଡ଼ି ପାର୍କିଂକୁ ନେଇ ୨ ବ୍ୟବସାୟୀ ଧସ୍ତାଧସ୍ତି

ଅନୁଗୋଳ ଅଫିସ, ୫।୪

ଅନୁଗୋଳ ସହରରେ ଗାଡ଼ି ପାର୍କିଂକୁ ନେଇ ୨ ବ୍ୟବସାୟୀଙ୍କ ମଧ୍ୟରେ ଧସ୍ତାଧସ୍ତି ହେବା ଚର୍ଚ୍ଚାର ବିଷୟ ପାଲଟିଛି। ଏ ନେଇ ଉଭୟପକ୍ଷ ଅନୁଗୋଳ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୬୪/୨୩ ଓ ୧୬୫/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ମଙ୍ଗଳବାର ସନ୍ଧ୍ୟାରେ ଜଣେ ବ୍ୟବସାୟୀଙ୍କ ଦୋକାନ ଆଗରେ ଗ୍ରାହକ ଗାଡ଼ି ରଖି ଅନ୍ୟ ଏକ ଦୋକାନକୁ ଆସି ସାମଗ୍ରୀ କିଣୁଥିଲେ। ତେବେ ଗାଡ଼ି କାହିଁକି ତାଙ୍କ ଦୋକାନ ଆଗରେ ରଖାଯାଇଛି, ଏହାକୁ ନେଇ ବିବାଦ ଦେଖାଦେଇଥିଲା। ଏହାକୁ ନେଇ ଉଭୟ ବ୍ୟବସାୟୀଙ୍କ ମଧ୍ୟରେ ପ୍ରଥମେ ବାକ୍‌ଯୁଦ୍ଧ ଓ ପରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରୁଥିବା ଅନୁଗୋଳ ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ୨ ଶିକାରୀ ଗିରଫ, ବନ୍ଧୁକ ଜବତ

ଛେଣ୍ଡିପଦା,୫।୪(ସ୍ୱ.ପ୍ର)

ଛେଣ୍ଡିପଦା ବନବିଭାଗ କର୍ମଚାରୀ କୋଶଳା ପଥରନାଳ ନିକଟସ୍ଥ ଜୟପୁର ସଂରକ୍ଷିତ ଜଙ୍ଗଲରେ ଚଢାଉ କରି ମଙ୍ଗଳବାର ରାତିରେ ୨ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ କୁମୁଣ୍ଡା ଗ୍ରାମର ଅଶୋକ ପ୍ରଧାନ (୫୦), ଷଣ୍ଢପାଳ ଗ୍ରାମର ରୋହିତ ସାହୁ (୩୨)। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ଓ ବାଇକ ଜବତ କରାଯାଇଛି। ଅନ୍ୟ ୨ ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଗିରଫ ଶିକାରୀଙ୍କୁ ପୋଲିସ ଜିମା ଦିଆଯିବ ବୋଲି କୋଶଳା ଫରେଷ୍ଟର ଦିଗାମ୍ବର ନାୟକ ପ୍ରକାଶ କରିଛନ୍ତି। ଘଟଣାରୁ ପ୍ରକାଶ, ଛେଣ୍ଡିପଦା ବନବିଭାଗ କର୍ମଚାରୀ ମଙ୍ଗଳବାର ରାତିରେ ପାଟ୍ରୋଲିଂ କରୁଥିବାବେଳେ କୋଶଳା ପଥରନାଳ ନିକଟସ୍ଥ ଜୟପୁର ସଂରକ୍ଷିତ ଜଙ୍ଗଲରେ ଚଢାଉ କରିଥିଲେ। ବନବିଭାଗ କର୍ମଚାରୀଙ୍କୁ ଦେଖି ଜଙ୍ଗଲ ଭିତରେ ୨ଜଣ ଯୁବକ ଦୌଡ଼ି ପଳାଇ ଯାଇଥିବାବେଳେ ୨ ଜଣଙ୍କୁ କର୍ମଚାରୀମାନେ କାବୁ କରିଥିଲେ। କୋଶଳା ସେକ୍ସନ ଫରେଷ୍ଟର ଦିଗାମ୍ବର ନୟକ, ଫରେଷ୍ଟର ମହେଶ୍ୱର ପ୍ରଧାନ, ଫରେଷ୍ଟ ଗାର୍ଡ ସିନ୍ଧୁ ବେହେରା ଏବଂ ଅନ୍ୟ ବନ କର୍ମଚାରୀମାନେ ଚଢାଉରେ ସାମିଲ ଥିଲେ।


୨ ଶିକାରୀଙ୍କୁ ବନ ବିଭାଗ କର୍ମଚାରୀମାନେ ଗିରଫ କରିଛନ୍ତି।

## ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ଓଆର୍‌ଏସ୍ ବୋହିନେଲେ


ଦୁର୍ଘଟଣାଗ୍ରସ୍ତ ଓଆର୍‌ଏସ୍ ବୋଝେଇ ଗାଡ଼ି।

ବଆଁରପାଳ, ୫।୪ (ଡି.ଏନ.ଏ.)

ଅନୁଗୋଳ ଜିଲା ମହୀଧରପୁର ଫାଣ୍ଡି ଭଗାମଣ୍ଡା ପୋଲ ନିକଟରେ ବୁଧବାର ଏକ ଓଆର୍‌ଏସ୍ ବୋଝେଇ ମିନିଟ୍ରକ୍ ଓଲଟି ପଡ଼ିଥିବା ବେଳେ ଲୋକେ ସେଥିରୁ ଓଆର୍‌ଏସ୍ ବୋହି ନେବା ଚର୍ଚ୍ଚାର ବିଷୟ ହୋଇଛି। ଖବରପାଇ ମହୀଧରପୁର ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚିଛି। ଦୁର୍ଘଟଣା ପରେ ଗାଡ଼ି ଚାଳକ ଫେରାର ହୋଇଯାଇଛନ୍ତି। ପ୍ରକାଶ ଯେ, ଏକ ଓଆର୍‌ଏସ୍ ବଟଲ ବୋଝେଇ ଗାଡ଼ି (ନଂ ଓଡି୦୫ ବି.କେ.–୦୬୪୩) ଅନୁଗୋଳରୁ ମହୀଧରପୁର ଦେଇ ସକାଳ ୯ଟାରେ ଯାଉଥିବା ବେଳେ ଫୁଲପଡା ଠାରୁ ୨ କିଲୋମିଟର ଦୂର ଭଗାମୁଣ୍ଡା ପୋଲ ନିକଟରେ ଓଲଟି ପଡିଥିଲା। ଏହାର ସୁଯୋଗ ନେଇ ସ୍ଥାନୀୟ ଅଞ୍ଚଳର ଅନେକ ଲୋକ ଗାଡ଼ିରୁ ଓଆର୍‌ଏସ୍ ବଟଲ ବୋହି ନେଇଥିଲେ। ପୋଲିସ ପହଞ୍ଚି ଓଲଟି ପଡ଼ିଥିବା ଗାଡ଼ିକୁ କ୍ରେନ ସହାୟତାରେ ରାସ୍ତା ପାର୍ଶ୍ୱରୁ ହଟାଇ ଦେଇଛି। ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ହମ୍ପସ ନିର୍ମାଣର ଆବଶ୍ୟକତା ଥିବା ଅଞ୍ଚଳବାସୀ କହିଛନ୍ତି।

## ବରିଷ୍ଠ ନାଗରିକଙ୍କୁ ହତାଦର କରା ନ ଯାଉ

ଆଠମଲ୍ଲିକ, ୫।୪ (ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ସଭାଗୃହରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ବୀରେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ତରଣୀ ସୁନା ଯୋଗଦେଇ ବରିଷ୍ଠ ନାଗରିକମାନେ ଅନୁଭବୀ ହୋଇଥିବାରୁ ତାଙ୍କର ଉପଦେଶ ସମାଜ ପାଇଁ ହିତ ସାବ୍ୟସ୍ତ ହୋଇଥାଏ। ତେଣୁ ସମାଜର ସବୁବର୍ଗର ଲୋକେ ବରିଷ୍ଠ ନାଗରିକଙ୍କୁ ହତାଦର ନ କରି ତାଙ୍କୁ ସମ୍ମାନର ସହିତ ବ୍ୟବହାର କରିବା ଆବଶ୍ୟକ ବୋଲି ବକ୍ତବ୍ୟ ରଖିଥିଲେ। ତତ୍‌ସହିତ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ଶିବିର ଆୟୋଜନ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ପ୍ରାରମ୍ଭରେ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାପତି ପୀତାମ୍ବର ବିଶ୍ୱାଳ, ଉପଦେଷ୍ଟା ଡ. ନନ୍ଦ କିଶୋର ମହାକୁଡ଼ ପ୍ରମୁଖ ଉପସ୍ଥିତ ରହି ବରିଷ୍ଠ ନାଗରିକଙ୍କ ବିଭିନ୍ନ ଅଭାବ ଅସୁବିଧା ଉପରେ ଆଲୋକପାତ କରି ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବରିଷ୍ଠ ସଭ୍ୟ ବୃନ୍ଦାବନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ସାଧାରଣ ସଭାରେ ମଞ୍ଚାସୀନ ଅତିଥିମାନେ।

## ଶ୍ରମିକ ସଙ୍ଗଠନ ନିର୍ବାଚନ ପ୍ରସ୍ତୁତି

ବଆଁରପାଳ,୫।୪(ଡି.ଏନ.ଏ.)

ନାଲ୍‌କୋ ସିପିପିରେ ଶ୍ରମିକ ସଙ୍ଗଠନ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କ୍ରମରେ ଓଡ଼ିଶା ଉପମୁଖ୍ୟ ଶ୍ରମ କମିଶନର ଏସ. ସମ୍ପଦ କୁମାର ନାଲ୍‌କୋ ଗସ୍ତରେ ଆସି ସିପିପିର ୫ଗୋଟି ଶ୍ରମିକ ସଙ୍ଗଠନ ସହ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଅନୁଗୋଳ ସହକାରୀ ଶ୍ରମ କମିଶନର ଆର.କେ. ଗୁପ୍ତା, ଗ୍ରୁପ୍ ଜେନେରାଲ ମ୍ୟାନେଜର ସିପିପି ସୁଧୀର ପଟ୍ଟନାୟକ, ଡିଜିଏମ୍ ସୁନୀଲ ମହାପାତ୍ର, ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ ସାଧାରଣ ସମ୍ପାଦକ ବିଭବ ଜେନା, ନାଲ୍‌କୋ ଏମ୍ପ୍ଲୋଇଜ ସଂଘ ସାଧାରଣ ସମ୍ପାଦକ ନିର୍ମଳ ସାମଲ, ଏନ୍‌ଏନ୍‌ଇୟୁ ସାଧାରଣ ସମ୍ପାଦକ ରତ୍ନାକର ପରିଡ଼ା, ଏନ୍‌ଭିଏମ୍‌ଏସ ସାଧାରଣ ସମ୍ପାଦକ ମନୋଜ ଅମାନ୍ତ, ଇଣ୍ଡଷ୍ଟ୍ରିଆଲ ୱର୍କର ୟୁନିୟନ ସାଧାରଣ ସମ୍ପାଦକ ସୀତାରାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ଗତ ୩ଟି ଶ୍ରମିକ ସଙ୍ଗଠନ ନିର୍ବାଚନରେ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ ବିଜୟ ଲାଭ କରିଥିଲା।



ସିପିପିର ୫ଗୋଟି ଶ୍ରମିକ ସଙ୍ଗଠନ ସହ ଆଲୋଚନା।

## ଲୁହାମୁଣ୍ଡାରେ ହିଙ୍ଗୁଳା ଯାତ୍ରା

ବଇଣ୍ଡା,୫।୪(ଡି.ଏନ.ଏ.)

କିଶୋରନଗର ବ୍ଲକ ଲୁହାମୁଣ୍ଡାଠାରେ ବୁଧବାର ମା' ହିଙ୍ଗୁଳା ଯାତ୍ରା ପାଳିତ ହୋଇଯାଇଛି। ମା'ଙ୍କ ମନ୍ଦିରରେ ପ୍ରଥମେ ଗ୍ରାମବାସୀଙ୍କ ପକ୍ଷରୁ ପୂଜା କରାଯାଇଥିଲା। ପରେ ଏକ ପଟୁଆରରେ ମା'ଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ଲଉଡି ଖେଳ, ଘଣ୍ଟବାଦ୍ୟ ପରିବେଷଣ କରାଯାଇଥିଲା। ପରେ ମା'ଙ୍କୁ ଯାତ୍ରା ପଡିଆକୁ ଅଣାଯାଇ ସେଠାରେ ପୂଜା କରାଯାଇଥିଲା। ବିଦ୍ୟୁତ୍ ବିଭାଗ ପକ୍ଷରୁ ଯାତ୍ରା ପଡିଆ ଆଲୋକୀକରଣ କରାଯାଇଥିବାବେଳେ ଯାତ୍ରା କମିଟି ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ଗ୍ରାମ କମିଟି ସଭାପତି ବିବେକା ବିଶ୍ୱାଳ, ସୁରେଶ ପ୍ରଧାନ, ସୁଶୀଲ ବିଶ୍ୱାଳ, ହେମନ୍ତ ବିଶ୍ୱାଳ, ଋଷଭ ସାହୁ, ଦେବା ରଣା, ରୋହିତ ସାହୁ, ଛବୀନ୍ଦ୍ର ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ସୋଲଣ୍ଡା ଓ ବଇଣ୍ଡାର ମା' ମଙ୍ଗଳା ସାହିରେ ମା' ମଙ୍ଗଳାଙ୍କ ବାର୍ଷିକ ପୂଜା ପାଳିତ ହୋଇଯାଇଛି। ଏଥିରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କମିଟିରେ କାଳିଆ ସାହୁ, ଲୁଲୁ ସାହୁ, ତପନ ଦେହୁରୀ, ସୁବାସ ସାହୁ, ସର୍ବେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିଲେ।


ମା' ମଙ୍ଗଳାଙ୍କ ପୂଜା ପାଳନ କରାଯାଉଛି।

## ଅବକାରୀ ଚଢ଼ାଉ: ୫ ଗିରଫ


ଅବକାରୀ କର୍ମଚାରୀଙ୍କ ସହ ଗିରଫ ଅଭିଯୁକ୍ତମାନେ।

ବଇଣ୍ଡା,୫।୪(ଡି.ଏନ.ଏ.)

ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଠାକୁରଗଡ଼ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ଠାକୁରଗଡ଼ ଥାନା ସଦାନନ୍ଦପୁର ଗ୍ରାମର ବିରଞ୍ଚି ବେହେରା, କନ୍ତପଡା ଗ୍ରାମର ଘାଷୀଆଣି ଦେହୁରୀ, ସୁଧାକର ବେହେରା, ଗୋପୀନାଥପୁର ଗ୍ରାମର ଜମ୍ବୁବତୀ ପ୍ରଧାନ ଏବଂ ଗଞ୍ଜିଡି ଗ୍ରାମର ପୁଷ୍ପଲତା ସାହୁଙ୍କୁ ଗିରଫ କରାଯାଇଛି। ସେମାନେ ଚୋରାରେ ଦେଶୀ ମହୁଲି ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ବିଭାଗ ଉପ ନିରୀକ୍ଷକ ଧରଣୀଧର ପ୍ରହରାଜଙ୍କ ସମେତ କର୍ମଚାରୀମାନେ ଚଢ଼ାଉ କରିଥିଲେ।

## ଡାକ୍ତରଙ୍କ ପରଲୋକ

ବଇଣ୍ଡା,୫।୪(ଡି.ଏନ.ଏ.)



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଧୀରେନ କୁମାର ପ୍ରଧାନଙ୍କ ବୁଧବାର ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ବୁଧବାର ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ଘର ଛେଣ୍ଡିପଦା ବ୍ଲକ ବାଲିପଟା ଗ୍ରାମରେ। ସେ କିଶୋରନଗର ବ୍ଲକ ବଇଣ୍ଡା ହାଇସ୍କୁଲର ପୁରାତନ ଛାତ୍ର। ତାଙ୍କ ପରଲୋକକୁ ନେଇ ବଇଣ୍ଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁରାତନ ଛାତ୍ର ସଂସଦ ତଥା ବଇଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ଶୋକ ପ୍ରକାଶ ପାଇଛି। ସେ ଜଣେ ଲୋକପ୍ରିୟ ଡାକ୍ତର ଭାବେ ପରିଚିତ ଥିଲେ।

## କୁଲାଡ଼ରେ ଦଣ୍ଡନୃତ୍ୟ ପ୍ରତିଯୋଗିତା

ବଆଁରପାଳ,୫।୪(ଡି.ଏନ.ଏ.)

ବଆଁରପାଳ ବ୍ଲକ କୁଲାଡ଼ ଗ୍ରାମରେ ମା' ମଙ୍ଗଳା ଯାତ୍ରା ଉପଲକ୍ଷେ ଏକ ଦଣ୍ଡନୃତ୍ୟ ପ୍ରତିଯୋଗିତା ହୋଇଥିଲା। ହେମସୁରପଡା ଓ ସାକୋସିଂହା ଦଣ୍ଡ ନୃତ୍ୟ ଦଳ ମଧ୍ୟରେ ଏହି ପ୍ରତିଯୋଗିତା ହୋଇଥିଲା। ଉଭୟ ଦଳର କଳାକାରମାନେ ଆକର୍ଷଣୀୟ କଳା ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ବିପିନି ବିହାରୀ ପ୍ରଧାନ, ଅକ୍ଷୟ ଜେନା ଯୋଗଦେଇ କଳାକାରମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ମୁଖ୍ୟଅତିଥି ଭାବେ ବଆଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ ନାଥ ଯୋଗଦେଇଥିଲେ। ପଦାକ୍ଷୀ ସିଂ, ନାଲ୍‌କୋ ଅଧିକାରୀ ଦିଲୀପ ଲାକ୍ରା, ସାମାଜିକ କର୍ମୀ ରାଜୀ ଜେନା, ଟ୍ରକ୍ ମାଲିକ ସଂଘ ସମ୍ପାଦକ ବାବୁଲି ସ୍ୱାଇଁ, କୁଲାଡ ସରପଞ୍ଚ ଉଷାରାଣୀ ସ୍ୱାଇଁ ଓ ଆଖପାଖ ଅଞ୍ଚଳର ବହୁ ସରପଞ୍ଚ ଉପସ୍ଥିତ ଥିଲେ। ଯାତ୍ରା କମିଟି ସଭାପତି ପ୍ରକାଶ କୁମାର ବେହେରା ସଭାପତିତ୍ୱ କରିଥିଲେ। ଅତିଥିଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।


ପ୍ରତିଯୋଗିତାକୁ ଉଦ୍‌ଘାଟନ କରାଯାଉଛି।

## ମା' ଓ ଶିଶୁଙ୍କୁ ସୁସ୍ଥ ରଖେ ମାଣ୍ଡିଆ

ଅନୁଗୋଳ ଅଫିସ, ୫।୪

ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ କୋର୍ଟରୁମ୍ ଠାରେ ଅତିରିକ୍ତ ଜିଲାପାଳ(ସାଧାରଣ) ରଜନୀକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଜିଲାସ୍ତରୀୟ ପୋଷଣ ପକ୍ଷ ପାଳିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ କର୍ଣ୍ଣା ମୁର୍ମୁ ପୋଷଣ ପକ୍ଷରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିବା ସହିତ ଶ୍ରୀଅନ୍ନ, କ୍ଷୁଦ୍ର ଶସ୍ୟ ମିଶନ୍, ସୁସ୍ଥ ବାଳକ ସ୍ପର୍ଦ୍ଧା ଓ ସକ୍ଷମ ଅଙ୍ଗନୱାଡ଼ି କେନ୍ଦ୍ର ବିଷୟରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲାପାଳ ସ୍ୱାଇଁ କହିଥିଲେ, ମିଲେଟ୍ ମିଶନ୍‌କୁ ଆଗେଇ ନେବାକୁ ହେଲେ କ୍ଷୁଦ୍ର ଶସ୍ୟ କୃଷି ସହ ଜଡ଼ିତ କୃଷକମାନଙ୍କୁ ଏହାର ଉପକାରିତା ଓ ପ୍ରୋତ୍ସାହନ ଯୋଗାଇ ଉତ୍ପାଦିତ ଦ୍ରବ୍ୟର ବିପଣନ ବ୍ୟବସ୍ଥାକୁ ସରଳୀକରଣ କରାଯାଇପାରିଲେ ସାଧାରଣରେ ଚାହିଦା ବୃଦ୍ଧି ପାଇବ। ଏଥିସହ କୃଷକଙ୍କ ଆର୍ଥିକ ଉନ୍ନତି ହୋଇପାରିବ। ଜଣେ ସୁସ୍ଥ ମା' ହିଁ ଗୋଟିଏ ସୁସ୍ଥ ଶିଶୁକୁ ଜନ୍ମ ଦେଇପାରେ। ଏଣୁ ମା'ର ସୁସ୍ଥତା ତା'ର ଖାଦ୍ୟପେୟ ଉପରେ ବିଶେଷ ଭାବରେ ନିର୍ଭରଶୀଳ। ମାଣ୍ଡିଆ ଗର୍ଭବତୀ ମାମାନଙ୍କ ପାଇଁ ଏକ ପୌଷ୍ଟିକ ଖାଦ୍ୟ, ଯାହା ମା ଓ ଶିଶୁ ଉଭୟଙ୍କୁ ସୁସ୍ଥ ରଖିଥାଏ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ କହିଥିଲେ। ମିଲେଟ୍ ମିଶନର ଜିଲା ସଂଯୋଜକ ଅମୂଲ୍ୟ କୁମାର ଚୌଧୁରୀ ମାଣ୍ଡିଆ ଓ ଅନ୍ୟାନ୍ୟ କ୍ଷୁଦ୍ର ଶସ୍ୟର ପୌଷ୍ଟିକ ମୂଲ୍ୟ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ସର୍ବଶ୍ରେଷ୍ଠ ସିଡିପିଓ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କିଶୋରନଗରର ୱାହିଦା ବେଗମ୍, ତାଳଚେର ଘଣ୍ଟପଡ଼ାର ମଣ୍ଡଳ ପରିଦର୍ଶିକା କାଞ୍ଚନ ନାୟକ, ଅନୁଗୋଳ ନୂଆସାହି(ଖ)ର ଖଲାରୀ ଅଙ୍ଗନୱାଡ଼ି କେନ୍ଦ୍ର, ବଆଁରପାଳର ନୂଆହତା(ଘ) ଅଙ୍ଗନୱାଡ଼ି କର୍ମୀ ରଶ୍ମିତା ସାମଲ, ଅନୁଗୋଳ ବେଢ଼ା ଶାସନ ଅଙ୍ଗନୱାଡ଼ି ସହାୟିକା ପ୍ରେମଲତା ଦ୍ୱିବେଦୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ସୁସ୍ଥ ଶିଶୁ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ମିଶନ ଶକ୍ତିର ଜିଲା ସଂଯୋଜକ ବସନ୍ତ କୁମାର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲା ମଙ୍ଗଳ ଅଧିକାରୀ ସୁବାସ କୁମାର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୌଳାସ ବେହେରା, ଜିଲାର ସମସ୍ତ ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀ, ଅନ୍ୟାନ୍ୟ ହିତାଧିକାରୀଙ୍କ ସହିତ ଜିଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।


କର୍ମଶାଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

### ଜିଲାସ୍ତରୀୟ ପୋଷଣ ପକ୍ଷ ପାଳନ

